# ସମନ୍ୱୟର ଦେବତା ଶ୍ରୀଜଗନ୍ନାଥ

ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ

**ଶ୍ରୀ**ଜଗନ୍ନାଥଙ୍କୁ ନେଇ ବହୁ ଆଲୋଚନା ହେଲାଣି ଏବଂ ଭବିଷ୍ୟତରେ ମଧ ହେବ । ନାନା ମତ, ତତ୍ତ୍ୱ, ଧର୍ମ, ଦର୍ଶନ, ବୈଚିତ୍ର୍ୟ ଏବଂ ବିରୋଧାଭାସ ମଧ୍ୟରେ ଜଗନ୍ନାଥ ହୋଇ ଉଠିଛନ୍ତି ଆହୁରି ଅବ୍ୟକ୍ତ, ଅଚିନ୍ତ୍ୟ ଓ କଳ୍ପନାତୀତ । ଶ୍ରୀଜଗନ୍ନାଥଙ୍କୁ ନେଇ ସୃଷ୍ଟି ହୋଇଛି ଅନେକ ପୁରାଣ, ଇତିହାସ, ସାହିତ୍ୟ, ସଂସ୍କୃତି, କାହାଣୀ ଓ କିମ୍ବଦନ୍ତୀ । ତଥାପି ଏଥିରେ ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ ।



ତତ୍ତ୍ୱଦର୍ଶୀମାନଙ୍କ ନିକଟରେ ସେ ଶୂନ୍ୟ, ନିର୍ଗୁଣ ଓ ନିରାକାର । କିନ୍ତୁ ସାଧାରଣ ଭକ୍ତ ନିକଟରେ ସେ ସଗୁଣ, ସାକାର । ସେ ପୁଣି ପରମପୁରୁଷ, ପୁରୁଷୋତ୍ତମ, ପତିତପାବନ, ଆର୍ତ୍ତତ୍ରାଣ, କୃପାସିନ୍ଧୁ, ଅନାଥର ନାଥ ସର୍ବମଙ୍ଗଳ ଶ୍ରୀଜଗନ୍ନାଥ ।

ଶ୍ରୀଜଗନ୍ନାଥଙ୍କ ଅମୃତମୟ ଚେତନାରେ ବିଶ୍ୱର ସବୁଧର୍ମ, ଦର୍ଶନ ତତ୍ତ୍ୱ ଓ ମତର ସମନ୍ୱୟ ଘଟିଛି । ଆଦ୍ୟରେ ଶବର ଉପଜାତିର ଠାକୁର ଭାବେ ପୂଜା ପାଉଥିବା ଜଗନ୍ନାଥ ପରେ ପରେ ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ, ଗାଣପତ୍ୟ ଓ ସୌର ଆଦି ନାନା ଧର୍ମ ତଥା ସମ୍ପ୍ରଦାୟର ଠାକୁର ଭାବେ ବିବେଚିତ ହୋଇଛନ୍ତି । ଶ୍ରୀଜଗନ୍ନାଥ ପୁଣି ହେଉଛନ୍ତି ଆର୍ଯ୍ୟ ଓ ଅନାର୍ଯ୍ୟ ସଂସ୍କୃତିର ମିଳନ କ୍ଷେତ୍ର । ଏପରି କି କେହି କେହି ଗବେଷକ ଯଥା- ଡକ୍ଟର ହରେକୃଷ୍ଣ ମହତାବ, ସଚ୍ଚିଦାନନ୍ଦ ମିଶ୍ର ଓ ରାଜକିଶୋର ରାୟ ପ୍ରମୁଖ ଯୀଶୁଖ୍ରୀଷ୍ଟ ଓଡ଼ିଶାକୁ ଆସି କିଛି ଦିନ ପୁରୀରେ ଅବସ୍ଥାନ କରିଥିଲେ ବୋଲି ମତବ୍ୟକ୍ତ କରିଛନ୍ତି । ତେବେ ଏହି ଉକ୍ତିର ସତ୍ୟତା ଥାଉ ବା ନଥାଉ ଏ କଥା ସ୍ୱୀକାର୍ଯ୍ୟ ଯେ ଶ୍ରୀଜଗନ୍ନାଥଙ୍କ ଚିନ୍ତା ଓ ଚେତନାରେ ବହୁ ଧର୍ମ, ସଂସ୍କୃତି ତଥା ମତବାଦ ପ୍ରଭାବିତ ହୋଇଛନ୍ତି । ସୁତରାଂ ଜଗନ୍ନାଥ ଧର୍ମ କୁହନ୍ତୁ ବା ସଂସ୍କୃତି କୁହନ୍ତୁ ଅଥବା ଦର୍ଶନ କିମ୍ବା ତତ୍ତ୍ୱ କୁହନ୍ତୁ, ଏସବୁ ଚିନ୍ତାଧାରାର ସୃଷ୍ଟି ଓ ସ୍ଥିତି କହିଲେ କିଛି ଭୁଲହେବ ନାହିଁ । ଯିଏ ତାଙ୍କୁ ଯେଉଁ ଭାବରେ ଦେଖିଛି ସେ ତାଙ୍କୁ ସେହି ଭାବରେ ଉପଲବ୍ଧି କରିଛି । ସେ ସକାମ ହୋଇପାରନ୍ତି ବା ନିଷ୍କାମ ହୋଇପାରନ୍ତି । ଏଥିରେ ଯୁକ୍ତିତର୍କର ଆବଶ୍ୟକତା ନାହିଁ । ଏ କଥା ମଧ କୁହାଯାଇ ପାରେ ଯେ ଏସବୁ ମତବାଦ ସଂସ୍କୃତି ବା ଧର୍ମର ଗରିଷ୍ଠ ସାଧାରଣ ଗୁଣନୀୟକ (ଗ.ସା.ଗୁ.) ହେଉଛନ୍ତି ଶ୍ରୀଜଗନ୍ନାଥ ।

ବୌଦ୍ଧ ଧର୍ମର ତ୍ରିରତ୍ନ ତଥା ବୁଦ୍ଧ, ଧମ ଓ ସଂଘରୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ସୃଷ୍ଟି । ଏଲୋରାର ବୁଦ୍ଧ ମୂର୍ତ୍ତିର ନାମ ଜଗନ୍ନାଥ । ଚତୁର୍ଦ୍ଧାମୂର୍ତ୍ତିଙ୍କ ଅଂପୂର୍ଣ୍ଣ ଗଢ଼ଣ ବିଷୟରେ ଯେଉଁ କିମ୍ବଦନ୍ତୀ ଅଛି ତାହାର ଅନୁରୂପ କିମ୍ବଦନ୍ତୀ ବୁଦ୍ଧଗୟାର ଅସଂପୂର୍ଣ୍ଣ ମୂର୍ତ୍ତି ସମ୍ବନ୍ଧରେ ଅଛି । ଫାହିୟାନ ବର୍ଣ୍ଣିତ ରଥଯାତ୍ରା ସହ ଜଗନ୍ନାଥଙ୍କ ରଥଯାତ୍ରାର ସାମ୍ୟ ଇତ୍ୟାଦି ବହୁ ଉଦାହରଣ ଦେଇ କେହି କେହି ଗବେଷକ ଶ୍ରୀଜଗନ୍ନାଥ ଧର୍ମକୁ ପ୍ରଚ୍ଛନ୍ନ ବୌଦ୍ଧ ଧର୍ମ ବୋଲି ମତବ୍ୟକ୍ତ କରନ୍ତି । ଏତଦ୍‌ବ୍ୟତୀତ ସାରଳା ଦାସ, ଅଚ୍ୟୁତାନନ୍ଦ, ଯଶୋବନ୍ତ, ଚୈତନ୍ୟ ଦାସ ଇତ୍ୟାଦି ବହୁ ଓଡ଼ିଆ କବି ସେମାନଙ୍କ ରଚିତ ବିଭିନ୍ନ ଗ୍ରନ୍ଥରେ ଜଗନ୍ନାଥ ଓ ବୁଦ୍ଧ ଦେବ ଯେ ଏକ ଓ ଅଭିନ୍ନ ଏକଥା ପ୍ରତିପାଦନ କରିଛନ୍ତି । ଏପରି କି ଦ୍ୱାଦଶ ଶତାବ୍ଦୀର ପ୍ରଖ୍ୟାତ ସଂସ୍କୃତ କବି ଜୟଦେବ ତାଙ୍କ 'ଗୀତଗୋବିନ୍ଦ' କାବ୍ୟରେ କହିଛନ୍ତି 'କେଶବ ଧୃତ ବୁଦ୍ଧ ଶରୀର ଜୟ ଜଗଦୀଶ ହରେ' ।

ସେହିପରି ଜୈନଧର୍ମ ପକ୍ଷପାତି ପଣ୍ଡିତମାନଙ୍କ ଯୁକ୍ତି ମଧ୍ୟ ଅକାଟ୍ୟ । ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦର ଅନ୍ୟନାମ ହେଉଛି କୈବଲ୍ୟ । ଏହି କୈବଲ୍ୟ ପ୍ରାପ୍ତି ସ୍ୱୟଂ ପୁରୁଷୋତ୍ତମ ପ୍ରାପ୍ତି ସଂଗେ ସମାନ ବୋଲି ବିବେଚନା କରାଯାଏ । ଜୈନଧର୍ମରେ ଜୀବ ଓ ଅଜୀବର ସମନ୍ୱୟରେ ଯେଉଁ ନିର୍ବାଣର ପରିକଳ୍ପନା କରାଯାଇଛି, ତାହା ଏହି କୈବଲ୍ୟ ପ୍ରାପ୍ତିରୁ ସମ୍ଭବ ହୁଏ ବୋଲି କୁହାଯାଇଛି । ଜୈନମାନଙ୍କ ମତରେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ହେଉଛି ଜୈନମାନଙ୍କ ପ୍ରଥମ ତୀର୍ଥଙ୍କର ରଷଭଦେବଙ୍କ ଗର୍ଭ କଲ୍ୟାଣ ଦିନ । ତେଣୁ ଏହି ଦିନ ଶୁଭ । ରଷଭନାଥଙ୍କ ପ୍ରତୀକ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୁଏ । ପୁଣି ଜୈନଧର୍ମର ୨୨ ଜଣ ତୀର୍ଥଙ୍କର ସ୍ଥିତି ଅନୁସାରେ ଶ୍ରୀମନ୍ଦିରର ବାଇଶ ପାହାଚ । ଏହି ବାଇଶ ପାହାଚକୁ ଅତିକ୍ରମ କଲେ ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିହୁଏ ।

ତୁଳସୀଦାସ ଆଉ କାଳବିଳମ୍ବ ନକରି ଶ୍ରୀମନ୍ଦିର ଧାଇଁଲେ । ଭାବାବିଷ୍ଟ ହୋଇ ଗାଇ ଉଠିଲେ 'ଜୟ ଜଗନ୍ନାଥ ଜଗଦେବା, ଶିବ ବିରଞ୍ଚି ନାରଦ କରେ ସେବା ।' ଏହା ପ୍ରତ୍ୟହ ଶ୍ରୀଜଗନ୍ନାଥଙ୍କ ପହୁଡ଼ ସମୟରେ ଗାନ କରାଯାଏ ।

ସାଂଖ୍ୟ ଦର୍ଶନର ପ୍ରକୃତି ପୁରୁଷତତ୍ତ୍ୱ ମଧ୍ୟ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱରେ ନିହିତ । ଯେ ପୁରୁଷ, ସେ ହିଁ ପ୍ରକୃତି । ସୁତରାଂ ପ୍ରକୃତି ଓ ପୁରୁଷ ଏକ ଓ ଅଭିନ୍ନ । ଶାବର ତନ୍ତ୍ର, ବୌଦ୍ଧ ତନ୍ତ୍ର ଓ ପରେ ହିନ୍ଦୁ ତନ୍ତ୍ର ବା ବ୍ରାହ୍ମଣ୍ୟ ତନ୍ତ୍ର ଜଗନ୍ନାଥ ଧର୍ମ ବା ସଂସ୍କୃତିକୁ ପ୍ରଭାବିତ କରିଛି କହିଲେ କିଛି ଭୁଲ ହେବ ନାହିଁ । ଶବର ତନ୍ତ୍ର ଯୁଗରେ ସେ ଶବରୀ ନାରାୟଣ, ମହାଯାନ ବୌଦ୍ଧ ଯୁଗରେ ବୁଦ୍ଧ ନାରାୟଣ ଏବଂ ହିନ୍ଦୁ ତନ୍ତ୍ର ଯୁଗରେ ସେ ହେଉଛନ୍ତି ବିଷ୍ଣୁ ବା ଶ୍ରୀଜଗନ୍ନାଥ ।

ଶ୍ରୀଜଗନ୍ନାଥ ସେତେବେଳକୁ ବୌଦ୍ଧ ଦେବତା ଭାବେ ପରିଚିତ । ଏହି ସମୟରେ ଅର୍ଥାତ୍ ନବମ ଶତାବ୍ଦୀରେ ବିଶିଷ୍ଟ ଅଦ୍ୱୈତ ଧର୍ମ ପ୍ରଚାରକ ଶଙ୍କରାଚାର୍ଯ୍ୟଙ୍କ (ଖ୍ରୀ:ଅ: ୭୮୮-୮୨୦)ଙ୍କ ଶ୍ରୀକ୍ଷେତ୍ର ଆଗମନ ଏବଂ ନିଜର ପାଣ୍ଡିତ୍ୟ ଓ ଅକାଟ୍ୟ ଯୁକ୍ତିଦ୍ୱାରା ପ୍ରମାଣ କଲେ ଯେ ଶ୍ରୀଜଗନ୍ନାଥ ହିଁ ଗୀତାର ପୁରୁଷୋତ୍ତମ ବିଷ୍ଣୁ । 'ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବ ତୁମେ' ସ୍ତୋତ୍ରରେ ସେ ତାଙ୍କୁ ଆପଣାର କରିନେଲେ । କେବଳ ସେତିକି ନୁହେଁ ସେ ପୁରୀ ବା ଶ୍ରୀକ୍ଷେତ୍ରକୁ ପ୍ରସିଦ୍ଧ ଚତୁର୍ଦ୍ଧାମ ମଧ୍ୟରେ ଏକ ବୋଲି ବିବେଚନା କଲେ ଏବଂ ଏଠାରେ ଗୋବର୍ଦ୍ଧନ ମଠ ସ୍ଥାପନା କଲେ ।

ଶଙ୍କରାଚାର୍ଯ୍ୟଙ୍କ ପରେ ବିଶିଷ୍ଟଦ୍ୱୈତ ମତର ପ୍ରଚାରକ ଶ୍ରୀରାମାନୁଜଙ୍କ ଶ୍ରୀକ୍ଷେତ୍ରରେ ପଦାର୍ପଣ । ସେତେବେଳକୁ ଦ୍ୱାଦଶ ଶତାବ୍ଦୀ ଏବଂ ଚୋଡ଼ଗଙ୍ଗ ଦେବଙ୍କ ରାଜତ୍ୱ । ସ୍ମାର୍ତ୍ତ ଓ ସ୍ମୃତି ଶାସ୍ତ୍ର ଅନୁସାରେ ବୈଷ୍ଣବ ମତରେ ଶ୍ରୀଜଗନ୍ନାଥଙ୍କ ପୂଜା ବିଧି ପାଇଁ ସେ ପ୍ରଚେଷ୍ଟା କଲେ । ବୈଷ୍ଣବ ଧର୍ମ ଓଡ଼ିଶାରେ ପ୍ରତିଷ୍ଠା ହେଲା । ଲକ୍ଷ୍ମୀଙ୍କ ମନ୍ଦିର ନିର୍ମାଣ ଓ ଏମାରମଠ ଏହି ସମୟରେ ପ୍ରତିଷ୍ଠିତ ।

ରାମାନୁଜଙ୍କ ପରେ ଅଦ୍ୱୈତ ମତବାଦର ପ୍ରଚାରକ ମାଧ୍ୱାଚାର୍ଯ୍ୟ ଶ୍ରୀଜଗନ୍ନାଥଙ୍କ ଚିନ୍ତା ଓ ଚେତନାରେ ପ୍ରଭାବିତ ହୋଇ ପୁରୀକୁ ଆସିଥିଲେ । ଏହିପରି ଭାବେ ଶ୍ରୀକ୍ଷେତ୍ରରେ ଶଙ୍କରଙ୍କ ଅଦ୍ୱୈତ, ରାମାନୁଜଙ୍କ ବିଶିଷ୍ଟଦ୍ୱୈତ ଓ ମାଧ୍ୱଙ୍କ ଦ୍ୱୈତର ମହାମିଳନ ଘଟିଥିଲା ।

ଏମାନଙ୍କ ପରେ ରାଧାକୃଷ୍ଣ ମଧୁର ଭକ୍ତିର ପ୍ରଚାରକ ଶ୍ରୀଚୈତନ୍ୟ ନିଜ ଅବଶିଷ୍ଟ ଜୀବନର ଦୀର୍ଘ ୧୮ ବର୍ଷ ଶ୍ରୀକ୍ଷେତ୍ରରେ ଅତିବାହିତ କରିଛନ୍ତି । ପୁରୀ ବଡ଼ଦାଣ୍ଡରେ ରଥଯାତ୍ରା ସମୟରେ ଶ୍ରୀଚୈତନ୍ୟ ଏବଂ ତାଙ୍କ ଅନୁଗାମୀମାନେ କୀର୍ତ୍ତନ କରି ଗଡ଼ିଛନ୍ତି, ପଡ଼ିଛନ୍ତି ଓ ଉଠିଛନ୍ତି । ଶ୍ରୀଚୈତନ୍ୟଙ୍କ ପ୍ରଭାବରେ ମଧୁର ଭକ୍ତିର ବନ୍ୟା ଓଡ଼ିଶାକୁ ପ୍ଲାବିତ କରିଥିଲା ।

ଏହାପରେ ଶିଖ୍ ଧର୍ମର ପ୍ରବର୍ତ୍ତକ ଗୁରୁନାନକ ପୁରୀ ଆସିଛନ୍ତି ଏବଂ ଜଗନ୍ନାଥଙ୍କ ଚରଣାଶ୍ରିତ ହୋଇଅଛନ୍ତି ।

ରାମଭକ୍ତ ତୁଳସୀଦାସ ସମସ୍ତ ବିଷ୍ଣୁତୀର୍ଥ ଦର୍ଶନ ଉଦ୍ଦେଶ୍ୟରେ ପୁରୀ ଶ୍ରୀମନ୍ଦିରରେ ଉପସ୍ଥିତ ହେବାମାତ୍ରେ ଏ କ'ଣ ହେଲା ! ପ୍ରଭୁ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣ ଓ ସୀତାଙ୍କ ପରିବର୍ତ୍ତେ ସେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଦେଖୁଛନ୍ତି ! ତେଣୁ ସେ ନିରାଶ ହୋଇ ଶ୍ରୀକ୍ଷେତ୍ର ନିକଟବର୍ତ୍ତୀ ମାଳତିପାଟପୁର ଗ୍ରାମରେ ରାତ୍ରିଯାପନ କଲେ । ସେତେବେଳେ ତାଙ୍କୁ ସ୍ୱପ୍ନାଦେଶ ହେଲା ଯେ ରାମ ସେ ହିଁ ଜଗନ୍ନାଥ । ତୁଳସୀଦାସ ଆଉ କାଳବିଳମ୍ବ ନକରି ଶ୍ରୀମନ୍ଦିର ଧାଇଁଲେ । ଭାବାବିଷ୍ଟ ହୋଇ ଗାଇ ଉଠିଲେ 'ଜୟ ଜଗନ୍ନାଥ ଜଗଦେବା, ଶିବ ବିରଞ୍ଚି ନାରଦ କରେ ସେବା ।' ଏହା ପ୍ରତ୍ୟହ ଶ୍ରୀଜଗନ୍ନାଥଙ୍କ ପହୁଡ଼ ସମୟରେ ଗାନ କରାଯାଏ ।

ଗଣେଶ ଭକ୍ତ ଗଣପତି ଭଟ୍ଟ ଶ୍ରୀଜଗନ୍ନାଥଙ୍କୁ ଗଣେଶ ଭାବେ ଦେଖିଛନ୍ତି । ତେଣୁ ଏହି ମତକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ସ୍ନାନପୂର୍ଣ୍ଣିମା ଦିନ ମହାପ୍ରଭୁ ଗଜାନନ ବେଶ ଧାରଣ କରନ୍ତି ।

ଆମ କଥାଟି ଏତିକିରେ ସରିନାହିଁ । ସନାତନ ହିନ୍ଦୁଧର୍ମର ଭିନ୍ନ ଭିନ୍ନ ଗୋଷ୍ଠୀ ବା ସଂପ୍ରଦାୟ ପାଇଁ ଶ୍ରୀଜଗନ୍ନାଥ ସର୍ବତୋଭାବେ ଗ୍ରହଣୀୟ । ବୈଷ୍ଣବମାନଙ୍କ ମତରେ ସେ ଶ୍ରୀପତି । ଶୈବମାନଙ୍କ ପାଇଁ ସେ ଭୈରବ । ବଳଭଦ୍ରଙ୍କ ଅନ୍ୟନାମ ତ 'ଶଙ୍କର୍ଷଣ' । ଶାକ୍ତମାନଙ୍କ ପାଇଁ ତାଙ୍କ ବାମପାଖରେ ଶକ୍ତି ସ୍ୱରୂପିଣୀ ମା' ଦୁର୍ଗା, ଭୁବନେଶ୍ୱରୀ ସୁଭଦ୍ରା ପୂଜା ପାଉଛନ୍ତି । ଏହାଙ୍କୁ ଭୁବନେଶ୍ୱରୀ ମନ୍ତ୍ରରେ ପୂଜା କରିବା ଏବଂ ଶ୍ରୀଜଗନ୍ନାଥଙ୍କ ପ୍ରସାଦ ବିମଳାଙ୍କ ନିକଟରେ ପୁନଃ ସମର୍ପିତ ହେବାପରେ, ମହାପ୍ରସାଦ ରୂପେ ବିବେଚିତ ହେବା ଶ୍ରୀଜଗନ୍ନାଥ ସଂସ୍କୃତିରେ ଶାକ୍ତ ପ୍ରଭାବର ସୂଚନା ଦିଏ ।

ଶ୍ରୀଜଗନ୍ନାଥ ଧର୍ମ ବିଶ୍ୱବ୍ୟାପକତା ଲାଭ କରିଛି । ସର୍ବଧର୍ମ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ଯବନ କବି ହରିଦାସ, କବୀର ଓ ସାଲବେଗ । ସାଲବେଗଙ୍କ ପ୍ରାର୍ଥନାରେ ବଡ଼ଦାଣ୍ଡରେ ଶ୍ରୀଜଗନ୍ନାଥଙ୍କ ରଥ ଅଟକି ଯାଇଛି । ଅବସ୍ଥା ଚକ୍ରରେ ପଡ଼ି ଓଡ଼ିଶାର ଗଜପତି ତକି ଖାଁର ଅତ୍ୟାଚାରରୁ ଶ୍ରୀଜଗନ୍ନାଥ ଧର୍ମ ଓ ସଂସ୍କୃତିର ସୁରକ୍ଷା ପାଇଁ ସେହି ତକି ଖାଁ ଭଉଣୀ ରିଜିଆଙ୍କ ପାଣିଗ୍ରହଣ କରିଛନ୍ତି । ଗଜପତି ରାମଚନ୍ଦ୍ରଙ୍କ ପାଇଁ ପତିତପାବନ ମୂର୍ତ୍ତି ସିଂହଦ୍ୱାର ପାଖରେ ଦେଉଳ ଆଗରେ ଗଢ଼ା ଯାଇଥିଲା ଏବଂ ଏହା ଆଜି ମଧ୍ୟ ବିଦ୍ୟମାନ । ଖ୍ରୀଷ୍ଟ ଧର୍ମାବଲମ୍ବୀ କ୍ୟାପ୍ଟେନଙ୍କ ପ୍ରାର୍ଥନାରେ ଜାହାଜକୁ ପ୍ରବଳ ଝଡ଼ ବତାସରୁ ଶ୍ରୀଜଗନ୍ନାଥ ରକ୍ଷା କରିଥିବା କଥା ଆଜି ମଧ୍ୟ ଆମେ ଶୁଣିଥାଉଁ । ଏହା କେବଳ କାହାଣୀ ବା ଆଖ୍ୟାୟିକା ନୁହେଁ, ଏହାର ପ୍ରମାଣ ଏବେ ମଧ୍ୟ ଶ୍ରୀମନ୍ଦିରରେ ଅଛି ।

ତେଣୁ ଶ୍ରୀଜଗନ୍ନାଥ କେବଳ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସମ୍ପ୍ରଦାୟର ଠାକୁର ଭାବେ ବିବେଚନା କରିବା ଠିକ୍ ନୁହେଁ । ସର୍ବଧର୍ମ ତଥା ସଂସ୍କୃତିର ସମନ୍ୱୟର ପ୍ରତୀକ ଭାବେ ଶ୍ରୀଜଗନ୍ନାଥ ସାର୍ବଜନୀନ ଶକ୍ତି, ମୈତ୍ରୀ ଓ ପ୍ରୀତି ରଜ୍ଜୁରେ ଯୁଗ ଯୁଗ ଧରି ବନ୍ଧାହୋଇ ଆସିଛନ୍ତି ।

ଅନୁଶାସନ ସଚିବ
ଅର୍ଥ ବିଭାଗ, ଭୁବନେଶ୍ୱର

# ଅମୃତ ମଣୋହି

ଡାଃ ସରୋଜିନୀ ଷଡ଼ଙ୍ଗୀ



ଅମୃତ ମଣୋହି ନୁହେଁ
ତୋ' ରୂପର ଦର୍ଶନରେ
ନୀଳାଂଜନ !
ମୋ' ଭୋକିଲା ଆଖି ମନ
ଏଇ ଦେଖ ଏକାଥରେ
ପରିପୂର୍ଣ୍ଣ
ସ୍ୱୟଂଭୂ ... ସଂପୂର୍ଣ୍ଣ ...
ଷାଠିଏ ପଉଟି ଭୋଗ
ନୁହେଁ .. ନୁହେଁ ..
ତୋ' ବିଗ୍ରହ ଥରେ ମାତ୍ର
ଦେଖି ନେଲେ
ଏ କେଉଁ ଅପୂର୍ବ ଭାବେ ଉଚ୍ଛୁଳଇ
ସାରା ଅବୟବ !

ଏତେ ଅପରୂପ ରସ ଭରିଥାଏ
ତୋ' ନିର୍ମାଲ୍ୟ କଣିକାରେ,



ଏମିତି ଅଖଣ୍ଡ ଦୃଶ୍ୟ
ଭରିଥାଏ
ତୋ' ନେତରେ,
ଏମିତି ଅନନ୍ତ ଆଭା
ଭରିଥାଏ
ତୋ' କଉସ୍ତୁଭ ମଣିର ହାରରେ
ଦେଖୁ ଦେଖୁ ମନ ପ୍ରାଣ
ଭରିଯାଏ ଅଖଣ୍ଡ ଭକ୍ତିରେ ।

ଏମିତି ନିରୁତା ସ୍ନେହ
ଭରିଥାଏ ତୋ' ଧୂଳିରେ
ତୋ' ବଡ଼ଦାଣ୍ଡରେ ।

ଲିଙ୍କରୋଡ଼
କଟକ-୧୨